Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ






ବିଜୟୱାଡ଼ା-ରାଞ୍ଚି ଜାତୀୟ ରାଜପଥକୁ ଯୋଜନା କମିସନଙ୍କ ମଂଜୁରୀ, ଅବକାରୀ ଆଇନ ୨୦୦୫: ସିଲେକ୍ଟ କମି

ତାରିଖ : ୭/୧୮/୨୦୦୬

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

# ପୂର୍ଣ୍ଣ ବିବରଣୀ

## ପ୍ରବାସୀ ଓଡ଼ିଆଙ୍କ ପ୍ରଶ୍ନ: ମୁଖ୍ୟମନ୍ତ୍ରୀ ମହୋଦୟ ଓଡ଼ିଶାରେ ଆଇଆଇଟି ହେବ?

ଭୁବନେଶ୍ୱର, (ଇମିସ): ପଶ୍ଚିମବଙ୍ଗର ଖଡ଼ଗପୁରରେ ଥିବା ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଦୁଇଟି ଶାଖା ଖୋଲିବାକୁ ଯୋଜନା କରିଛି। ଏଥିମଧ୍ୟରୁ ଗୋଟିଏ କୋଲକାତାରେ ପ୍ରତିଷ୍ଠା ହେବାକୁ ସ୍ଥିର ହୋଇଥିଲା ବେଳେ ଅନ୍ୟଟି ଭୁବନେଶ୍ୱରରେ ସ୍ଥାପନ ପାଇଁ ଚିନ୍ତା କରାଯାଉଛି। କିନ୍ତୁ ଏ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ନାହିଁ। ଓଡ଼ିଶା ସରକାରଙ୍କ ପକ୍ଷରୁ ସମୟୋଚିତ ଉଦ୍ୟମ କରାଗଲେ ଭୁବନେଶ୍ୱରରେ ଇଂଜନିିୟରିଂ ଶିକ୍ଷାର ସର୍ବୋଚ୍ଚ ସଂସ୍ଥା ଭାବେ ପରିଗଣିତ ଆଇଆଇଟିର ଶାଖା ଖୋଲି ପାରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମେରିକାର ଆରିଜୋନା ବିଶ୍ୱିଦ୍ୟାଳୟରେ ପ୍ରଫେସର ପଦବିରେ ଥିବା ପ୍ରବାସୀ ଓଡ଼ିଆ ଚିତ୍ତ ବରାଳ ଜଣାଇଛନ୍ତି।

ଇ-ମେଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଖୋଲା ଚିଠି ଲେଖି ପ୍ରଫେସର ବରାଳ ଦର୍ଶାଇଛନ୍ତି ଯେ ରାଜ୍ୟରେ ଆଇଆଇଟି ଭଳି ଉତ୍କୃଷ୍ଟ ପ୍ରତିଷ୍ଠାନ ଖୋଲିବା ପାଇଁ ଆଉ ସୁଯୋଗ ନ ଆସି ପାରେ। କିନ୍ତୁ ଏ ଦିଗରେ ଢ଼ିଲାପଣ ଦେଖାଇଲେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଭଳି ଆଇଆଇଟି ଶାଖା ବି ଅନ୍ୟ ରାଜ୍ୟକୁ ଚାଲିଯିବ। ପ୍ରଫେସର ବରାଳଙ୍କ ମୁତାବକ ଭୁବନେଶ୍ୱରରେ ଏବେ ଖଡ଼ଗପୁର ଆଇଆଇଟିର ଏକ୍ସଟେନ୍ସନ କାଉଣ୍ଟର ରହିଛି ଯେଉଁଠି ସୂଚନା ପ୍ରଯୁକ୍ତି ଶିକ୍ଷାରେ ଡିପ୍ଲୋମା କୋର୍ସ ଶିକ୍ଷା ପ୍ରଦାନ କରାଯାଉଛି। ଏଣୁ ସାମାନ୍ୟ ଉଦ୍ୟମ କରାଗଲେ ଭୁବନେଶ୍ୱରରେ ଶାଖା ଖୋଲିବାକୁ ଖଡ଼ଗପୁର ଆଇଆଇଟି ରାଜି ହୋଇଯିବ। କୋଲକାତାରେ ଏହାର ଦ୍ୱିତୀୟ ଶାଖା ଖୋଲିବାକୁ ଖଡ଼ଗପୁର ଆଇଆଇଟି ୨୫୦ କୋଟି ଟଙ୍କା ଖର୍ଚ୍ଚ କରୁଛି ବୋଲି ଖବର ମିଳିଛି। ଏ ଶାଖା ଓଡ଼ିଶାରେ ଖୋଲିପାରିଥାନ୍ତା କିନ୍ତୁ ଓଡ଼ିଶା ସରକାରଙ୍କ ଅବହେଳା ପ୍ରଦର୍ଶନ କରିବାରୁ ଏହା କୋଲକାତା ଚାଲିଗଲା ବୋଲି ପ୍ରଫେସର ବରାଳ ଉଲ୍ଲେଖ କରିଛନ୍ତି। ଭୁବନେଶ୍ୱରରେ ଆଇଆଇଟି ଶାଖା ପ୍ରତିଷ୍ଠା କରିବା ପାଇଁ ଓଡ଼ିଶା ସରକାର ଖଡ଼ଗପୁର ସହ ଯୋଗାଯୋଗ କରି ଏହାକୁ ମାଗଣା ଜମି ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ଉଚିତ ବୋଲି ସେ କହିଛନ୍ତି। ଓଡ଼ିଶାରେ ଆଇଆଇଟି ଭଳି ଶିକ୍ଷା ପ୍ରତିଷ୍ଠାନର ଆବଶ୍ୟକତା ସମ୍ପର୍କରେ ବ୍ୟାଖ୍ୟା କରି ପଫେସର ବରାଳ ତାଙ୍କ ଚିଠିରେ କହିଛନ୍ତି, ଖଣିଜ ସମ୍ପଦ ଭିତ୍ତିକ ଶିଳ୍ପାୟନ ପ୍ରକ୍ରିୟା ସମେତ ଓଡ଼ିଶାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳ କାର୍ଯ୍ୟ ପାଇଁ ଉତ୍କୃଷ୍ଟ ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ରହିଛି। ଆଇଆଇଟି ଭଳି ଶିକ୍ଷା ପ୍ର






ପିଟର୍ସବର୍ଗରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଜି-୮ ବୈଠକରେ ସ୍ୱତନ୍ତ୍ର ସଦସ୍ୟଭାବେ ଯୋଗ ଦାନ ଏବଂ ବୁଶ୍ଙ୍କ ସହ ଆଲୋଚନାର ସୁଦୂରପ୍ରସାରୀ ପ୍ରଭାବ ରହିଛି।

ଅନ୍ୟାନ୍ୟ ଖବର

- ପଶୁପତି ଫିଡ୍ସ ଡକାୟତି ମାମଲା: ୭ ଅଭିଯୁକ୍ତ ଖଲାସ୍
- ଜାଲ୍ ନୋଟ୍ କାରବାର: ପୁଲିସ ବେଶରେ ଠକ: ୩ ଗିରଫ
- ବେଲୁର ଭାଇ ଓ ସହଯୋଗୀଙ୍କ ଜାମିନ୍ ନାମଂଜୁର
- ଛବି ବର୍ଧନ ହତ୍ୟାକାଣ୍ଡ ମାମଲା: ମୁଖ୍ୟ ସାକ୍ଷୀକୁ ବିଧାୟକଙ୍କ ସମର୍ଥକଙ୍କ ହତ୍ୟା ଧମକ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୬.୩ | ୩୧.୧ |
| କଟକ | ୨୨.୦ | ୩୩.୧ |
| ବାଲେଶ୍ୱର | ୨୬.୭ | ୩୨.୩ |
| ଗୋପାଳପୁର | ୨୫.୯ | ୩୧.୯ |
| ଝାରସୁଗୁଡ଼ା | ୨୪.୮ | ୨୭.୬ |

ବିତର୍କ/ମତାମତ ସଂଗ୍ରହ

ପୋଲାଭରମ୍ ପ୍ରକଳ୍ପକୁ ବିରୋଧରେ ଓଡ଼ିଶାର ଲାଭ ଅଛି କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

ତିଷ୍ଠାନ ସ୍ଥାପନ ହୋଇ ପାରିଲେ ଓଡ଼ିଶା ଛାତ୍ରଛାତ୍ରୀମାନଙ୍କ
ଚିନ୍ତାଧାରା ବଦଳିବ ଏବଂ ସେମାନେ ଆଇଆଇଟିରେ ଶିକ୍ଷା
ହାସଲ ପାଇଁ ଅଧିକ ଉଦ୍ୟମ କରିବେ। ଏହାବ୍ୟତୀ
ତ ଆଇଆଇଟିରେ ଥିବା ମାଷ୍ଟର୍ସ ଓ ପିଏଚ୍‌ଡି ଶିକ୍ଷା
ବ୍ୟବସ୍ଥାରୁ ଘରୋଇ ଇଂଜିନିୟରିଂ କଲେଜର
ଅଧ୍ୟାପକମାନେ ଏହାର ସୁବିଧା ଉଠାଇପାରିବେ।
ପ୍ରଫେସର ବରାଳ କହିଛନ୍ତି ଯେ କେବଳ ଖଡ଼ଗପୁର
ନୁହେଁ, ଓଡ଼ିଶା ସରକାର ଦିଲ୍ଲୀ ଓ ରୁର୍କି ଆଇଆଇଟି ସହ
କଥାବାର୍ତ୍ତା କରି ରାଉରକେଲାରେ ଗୋଟିଏ ଆଇଆଇଟି
ଶାଖା ଖୋଲିବାକୁ ଉଦ୍ୟମ କରିବା ଉଚିତ। ସେହିଭଳି
ଚେନାଇ ଆଇଆଇଟି ଓ ବାଙ୍ଗାଲୋରର ଜାତୀୟ ବିଜ୍ଞାନ ପ୍ର
ତିଷ୍ଠାନକୁ ମନାଇ ବ୍ରହ୍ମପୁରରେ ଆଇଆଇଟି ଶାଖା,
ସମ୍ବଲପୁରରେ ଦିଲ୍ଲୀ ଆଇଆଇଟିର ଶାଖା ଓ ବାଲେଶ୍ୱରରେ
କାନପୁର ଆଇଆଇଟିର ଶାଖା ଖୋଲିବାକୁ ପ୍ରୟାସ କରିବା
ଉଚିତ୍।

ପୂର୍ବପୃଷ୍ଠା




Copyright © 2001 orissasambad.com

Site Developed by : www.wayindia.com